## ସଂକ୍ଷେପରେ

### ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟରେ ନାକ୍ ଟିମ୍

ବନ୍ତ,୨୮।୮(ଡି.ଏନ୍.ଏ.): ଭଦ୍ରକ ଜିଲା ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟକୁ ନାକ ଟିମ୍ ମଙ୍ଗଳବାର ଦୁଇ ଦିନିଆ ପରିଦର୍ଶନରେ ଆସିଛନ୍ତି । ଏହି ଟିମ୍‌ରେ ନର୍ଥ-ଇଷ୍ଟ ହିଲ୍ ୟୁନିଭରସିଟି, ସିଲଂର ପ୍ରଫେସର ଇନ୍ ଇକୋନୋମିକ୍ସ ନିରଙ୍କର ଶ୍ରୀବାସ୍ତବ ଓ ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ଅତିରିକ୍ତ ସଚିବ ବି.ବି.ସିଂ ଅଛନ୍ତି । ସେମାନେ ବନ୍ତ କଲେଜର ବିଭିନ୍ନ ବିଭାଗକୁ ଯାଇ ଶିକ୍ଷାଦାନର ମାନ ଓ ଭିତ୍ତିଭୂମି ଅନୁଧ୍ୟାନ କରଛନ୍ତି।

### ଆଇନ ଅମାନ୍ୟ ଆନ୍ଦୋଳନ: ୫୦ ଗିରଫ

ବାସୁଦେବପୁର/ବନ୍ତ ,୨୮।୮(ଡି.ଏନ.ଏ.): ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ନିୟନ୍ତ୍ରଣ , ଦଳିତ, ସଂଖ୍ୟାଲଘୁ, ପଛୁଆବର୍ଗ, ଆଦିବାସୀ ମାନଙ୍କ ଉପରେ ଅତ୍ୟାଚାର ବନ୍ଦ କରିବା, ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା, କୃଷି ଋଣ ଛାଡ କରିବା, ଚାଷୀ, ମୂଲିଆ, ଭାଗଚାଷୀଙ୍କୁ ପେନସନ ପ୍ରଦାନ ଆଦି ୧୫ ଦଫା ଦାବି ନେଇ ମଙ୍ଗଳବାର ଭଦ୍ରକ ଜିଲା ବାସୁଦେବପୁର ତହସିଲ କାର୍ଯ୍ୟାଳୟ ସାମ୍ନାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବାସୁଦେବପୁର ଆଞ୍ଚଳିକ କମିଟି ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଥିଲା। ସେଠାରେ ୫୦ରୁ ଉର୍ଦ୍ଧ୍ୱ ସମର୍ଥକ ଓ କର୍ମୀଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ବନ୍ତ ସିପିଆଇ ଜୋନ୍ କମିଟି ପକ୍ଷରୁ ବ୍ଲକ ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଥିଲା । ଚାଷୀ ଓ କର୍ମୀମାନେ ଶୋଭାଯାତ୍ରାରେ ଆସି ଆନ୍ଦୋଳନ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ସ୍ଲୋଗାନ ଦେଇଥିଲେ। ସେଠାରେ ଗୋପବନ୍ଧୁ ସେଠୀଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା କରାଯାଇଥିଲା।

### ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କଲେ ବ୍ଲକ ଶିକ୍ଷାଧିକାରୀ

ଭଦ୍ରକ ଅଫିସ,୨୮।୮- ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ଭଦ୍ରକ ବ୍ଲକ ଅନ୍ତର୍ଗତ ପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷା କମିଟି ସଭାପତି ଓ ସଭ୍ୟମାନେ ପହଞ୍ଚି ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ନାଁରେ କେତେକ ଅଭିଯୋଗ କରିଥିଲେ। ତତ୍‌କ୍ଷଣାତ ଘଟଣାର ତଦନ୍ତ କରିବାକୁ ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଉକ୍ତ ସ୍କୁଲକୁ ଯାଇଥିଲେ। ତଦନ୍ତ ରିପୋର୍ଟ ଭିତ୍ତିରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀ ପାଣିଗ୍ରାହୀ ସମ୍ପୃକ୍ତ ପ୍ରଧାନଶିକ୍ଷକ କିଶାନ ସୋରେନଙ୍କୁ ମଙ୍ଗଳବାର କାର୍ଯ୍ୟରୁ ନିଲମ୍ବନ କରିଥିବା ଜଣାପଡିଛି। ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନଂ ୩୪୩୦ ତାରିଖ ୨୮।୮।୧୮ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡିଛି।

### ଦଳିତ ମହାସଂଘର ଗଣଆନ୍ଦୋଳନ

ଚାନ୍ଦବାଲି,୨୮।୮(ଡି.ଏନ.ଏ.)-ଦଳିତଙ୍କ ସମସ୍ୟାର ପ୍ରତିକାର, ରାସ୍ତା କଡ ବର୍ଷାପାଣି ନିଷ୍କାସନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ, ଧାମରା-ବାଂଶଡା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ମରାମତି ଆଦି ଦାବି ନେଇ ରାଷ୍ଟ୍ରୀୟ ଦଳିତ ମହାସଂଘ ଭଦ୍ରକ ଶାଖା ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରୁ ବାଂଶଡା ପଞ୍ଚାୟତ ଅଫିସ୍ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯାଇଥିଲା। ମହାସଂଘ ସଭାପତି ଅଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ ତେନ୍ତୁଳିଆଡିଆ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ବାଂଶଡା ପଞ୍ଚାୟତ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ଧାରଣା ଦେଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଂଶଡା ପଞ୍ଚାୟତ ସମ୍ମୁଖରେ ପୋଲିସ୍ ମୁତୟନ କରାଯାଇଥିଲା । ଆନ୍ଦୋଳନକାରୀଙ୍କୁ ପୋଲିସ ବୁଝାଶୁଝା କରିଥିଲେ ମଧ ସେମାନେ ଦାବି ପୂରଣ ଜିଦ୍‌ରେ ଧାରଣାରୁ ଉଠି ନ ଥିଲେ । ଦଳିତ ମହାସଂଘ କର୍ମମର୍ତ୍ତା ଦର୍ଶାଇଛନ୍ତି ଯେ, ବାଂଶଡା ପଞ୍ଚାୟତରେ ବସବାସ କରୁଥିବା ଦଳିତଙ୍କ ସମସ୍ୟା ନେଇ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇ ଆସୁଛି। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ସଂଘ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଛି । ପଞ୍ଚାୟତର ଧାନଖଣି ସାହି ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ବର୍ଷାପାଣି ନିଷ୍କାସନ କରାଯିବା ଓ ଏହାକୁ ସବୁଦିନିଆ ରାସ୍ତାରେ ପରିଣତ କରିବା, ଝାରପଡା ଗୁଳା ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ, ତେନ୍ତୁଳିଆଡିଆରେ ଧାମରା-ବାଂଶଡା ସଡକ ମରାମତି ଆଦି ଦାବିକୁ ପ୍ରଶାସନ ଅଣଦେଖା କରୁଥିବା ଆନ୍ଦୋଳନକାରୀ ଦର୍ଶାଇଛନ୍ତି। ତେବେ ବିଡିଓ ଦାବି ପୂରଣର ପ୍ରତିଶ୍ରୁତି ଦେବାରୁ ସେମାନେ ପରେ ଧାରଣାରୁ ଓହରିଥିଲେ।

# ସାଳନ୍ଦୀ ବନ୍ୟାରେ ଭଦ୍ରକ ଉବୁଟୁବୁ

- ହଦଗଡ ଡ୍ୟାମ ପାଣି ଛାଡିବାରୁ ବନ୍ୟା ସ୍ଥିତି
- ବିଷ୍ଣୁପୁର, ଅନ୍ନପାଳ ସମେତ ପୌରପାଳିକାର ୨୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ

ଭଦ୍ରକ ଅଫିସ,୨୮।୮

ସାଳନ୍ଦୀରେ ପ୍ରଥମ ବନ୍ୟାଜଳ ଆସିବା ଯୋଗୁ ଭଦ୍ରକ ପୌରାଞ୍ଚଳର ୪ଟି ୱାର୍ଡ ଓ ତଳିଆ ଅଞ୍ଚଳ ଉବୁଟୁବୁ ସ୍ଥିତିରେ ରହିଛି। ଗାଁ ଦାଣ୍ଡରେ ବନ୍ୟାଜଳ ଲହଡି ଭାଙ୍ଗୁଛି। ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଘରେ ଚୁଲି ଜଳୁନି। ବନ୍ୟା ପରିସ୍ଥିତରି ମୁକାବିଲା କରିବା ସକାଶେ ପ୍ରଶାସନିକ ସ୍ତରରେ ପୂର୍ବରୁ କରାଯାଇଥିବା ସବୁ ଯୋଜନା ଫେଲ୍ ମାରିଛି। ଲଗାଣ ବର୍ଷା ସାଙ୍ଗକୁ ହଦଗଡ ଡ୍ୟାମରୁ ପାଣି ଛଡାଯିବାରୁ ଏଭଳି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

ଭଦ୍ରକ ପୌରପାଳିକାର ୧୨, ୨୬, ୨୭, ୨୮ ଓ ୨୯ ନମ୍ବର ୱାର୍ଡର ୨୦ରୁ ଉର୍ଦ୍ଧ୍ୱ ଗାଁରେ ବନ୍ୟାଜଳ ପ୍ରବାହିତ ହେଉଛି। ଗାଁ ଦାଣ୍ଡରେ ଆଣ୍ଠୁଏ ଉଚ୍ଚର ପାଣି ସୁଅ ଚାଲିଛି। ହଜାରିନଗର, ପୁରୁଣାବଜାର, ଅଲାଲପୁର, ବାବୁସାହି, କାଜିମହଲା, ଧନାଟୋଲା, ଗରଦପୁର, ହେଲାସାହି, ଏଲଖା, ଜଗନ୍ନାଥପୁର, ମହିଳା ମହାବିଦ୍ୟାଳୟ ରୋଡ, ପିରସାହି, ଗାନ୍ଧୀବାଳାଶ୍ରମ ଅଞ୍ଚଳରେ ଥିବା ଲୋକମାନେ ଜଳବନ୍ଦୀ ହୋଇ ରହିଛନ୍ତି। ସେହିଭଳି ଭଦ୍ରକ ବ୍ଲକର ଗୋବିନ୍ଦପୁର ନିକଟରେ ପ୍ରାୟ ୫ଫୁଟ ଲମ୍ବ ୧୫ ଫୁଟ ଓସାରରେ ଘାଇ ସୃଷ୍ଟି ହୋଇଛି। ଏହି ଘାଇ ଦେଇ ସାଳନ୍ଦୀ ବନ୍ୟାଜଳ ଅନେକ ଅଞ୍ଚଳକୁ ପଶିଛି। ବିଷ୍ଣୁପୁର, ଅନ୍ନପାଳ ଏକ ପ୍ରକାର ବନାପାଣିରେ ବୁଡି ରହିଛି।


ଗରଦପୁର ଅଞ୍ଚଳର କମ୍ୟୁନିଟି ସେଣ୍ଟର ବନ୍ୟାଜଳ ଘେରରେ।


ଗୋବିନ୍ଦପୁର ନିକଟରେ ସୃଷ୍ଟି ହୋଇଥିବା ଘାଇ।

ଜିଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଠାରୁ ମିଳିଥିବା ସୂଚନା ମୁତାବକ ସାଳନ୍ଦୀ ନଦୀର ରାଜଘାଟ ପୋଲ ନିକଟରେ ବିପଦସଙ୍କେତ ସ୍ତର ୧୫.୦୮ ମିଟର ଥିବା ବେଳେ ମଙ୍ଗଳବାର ସର୍ବାଧିକ ୧୪.୯ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ହଦଗଡ ଡ୍ୟାମରୁ ସୋମବାର ପ୍ରତିଘଣ୍ଟାରେ ୪ହଜାର କ୍ୟୁ ସେକ୍ ବନ୍ୟାଜଳ ଛଡାଯାଇଥିଲା। ଏଥିଲାଗି ଭଦ୍ରକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ମଙ୍ଗଳବାର ହଦଗଡରୁ ୩,୫୦୦ କ୍ୟୁ ସେକ୍ ବନ୍ୟାଜଳ ଛଡାଯାଉଥିବା କୁହାଯାଉଛି। ଏଥିଲାଗି ପରିସ୍ଥିତି ନିୟନ୍ତ୍ରଣ ହୋଇଯିବ ବୋଲି ଜିଲା ଜରୁରୀ କାଳୀନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି। ପୌରପାଳ ମାନସ ମହାନ୍ତି, କାଉନସିଲର ଅଶୋକ ମହାପାତ୍ର, ବ୍ଲକ ଅଞ୍ଚଳରେ ବ୍ଲକ ଅଧକ୍ଷ ରଘୁନାଥ ଧଳ ପ୍ରମୁଖ ନିର୍ଦ୍ଦିଷ୍ଟ ଭାବେ ବନ୍ୟାପ୍ଲାବିତ କେତେକ ୱାର୍ଡକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ


ଆମ ପୋଲିସ କାର୍ଯ୍ୟକ୍ରମରେ ଉପସ୍ଥିତ ନାଗରିକ ଓ କର୍ମଚାରୀ।

ଧାମନଗର,୨୮।୮(ଡି.ଏନ.ଏ.)

ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦେବା, ଗାଁଗଣ୍ଡାରେ ବୃଦ୍ଧି ପାଉଥିବା ଚୋରାମଦ କାରବାର ରୋକିବା, ବଜାର ଘାଟରେ ଦ୍ରୁତ ଗାଡିଚାଳନା ଉପରେ ରୋକ ଲଗାଯିବା ଏବଂ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ଲାଗି 'ଆମ ପୋଲିସ କାର୍ଯ୍ୟକ୍ରମ'ରେ ଅଞ୍ଚଳବାସୀ ଦାବି କରିଛନ୍ତି। ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକେ ସାମିଲ ହୋଇ ବିଭିନ୍ନ ସମସ୍ୟା ଉତ୍‌ଥାପନ କରିଥିଲେ। ଏହି ଅବସରରେ ଧୂଷୁରୀ ଥାନା ଅଞ୍ଚଳର ବହୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଧୂଷୁରୀ ଥାନା ଆଇଆଇସି ରାମ ମୁର୍ମୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏସଆଇ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନଦୀ ଗାଁ ପଞ୍ଚାୟତରେ ବ୍ୟାପକ ଚୋରାମଦ କାରବାର ଚାଲିଥିବାରୁ ସମାମାଜିକ ସମସ୍ୟା ସୃଷ୍ଟି ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ସରପଞ୍ଚ ମନୋଜ ରାୟମହାପାତ୍ର ଅଭିଯୋଗ କରିଥିଲେ। ସେହିପରି ଧୂଷୁରୀ ଅଞ୍ଚଳ ସମେତ ଅସୁରାଳୀରେ ବହୁ ଶିକ୍ଷାନୁଷ୍ଠାନ ଗଢି ଉଠିଥିବାରୁ ଦୈନିକ ଶହ ଶହ ଛାତ୍ରୀଛାତ୍ର ରାସ୍ତାରେ ଯାତାୟାତ କରୁଛନ୍ତି। ଦ୍ରୁତ ଗତିରେ ବାଇକ ଚାଳନା ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଥିବା ଅସୁରାଳୀ ବଣିକ ସଂଘ ସଭାପତି ଡା.ସଦାନନ୍ଦ ଦାସ କହିଥିଲେ। ବରିଷ୍ଠ ନାଗରିକମାନେ ମଧ ଯାତାୟାତରେଅସୁବିଧାର ସମ୍ମୁଖୀନ ହେଉଥିବା ଦୁର୍ଯ୍ୟୋଧନ ତରାଇ ଅଭିଯୋଗ କରିଥିଲେ । ବରିଷ୍ଠ ନାଗରିକ ସହଯୋଗ ରହିଲେ ପୋଲିସ ପାଇଁ କାର୍ଯ୍ୟକ୍ରମ ସହଜ ହେବ ବୋଲି ଆଇଆଇସି ମୁର୍ମୁ ପ୍ରକାଶ କରିଥିଲେ । ଏଥିରେ ବରିଷ୍ଠ ନାଗରିକ ଡା. ଗିରିଶ ଚନ୍ଦ୍ର ନାୟକ,ଚନ୍ଦ୍ର ଶେଖର ନାୟକ, ଦିଲୀପ କୁମାର ମିଶ୍ର, ହୃଷିକେଶ ବଳ, ଗଦାଧର ସାହୁ ପମୁଖ ଯୋଗ ଦେଇଥିଲେ ।

### ନିଆଁରେ ପୋଡି ହୋଇ ମହିଳା ଗୁରୁତର

ଭଣ୍ଡାରିପୋଖରୀ, ୨୮।୮ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନେରଡା ପଞ୍ଚାୟତ ମିଟୁଆଣୀ ଗ୍ରାମର ଦେବୀଲତା ବେହେରା ନାମ୍ନୀ ଜଣେ ମହିଳା ମଙ୍ଗଳବାର ଅପରାହ୍ନରେ ନିଆଁରେ ପୋଡି ହୋଇ ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନା ନେଇ ପରେ ଭଦ୍ରକକୁ ସ୍ଥାନାନ୍ତର କରିଥିଲେ। ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ପ୍ରାୟ ୬୦ ଭାଗ ପୋଡିଯାଇଛି। ଭଣ୍ଡାରୀ ପୋଖରୀ ଥାନା ଏସଆଇ ବିକ୍ରମ ହେମ୍ବ୍ରମ ଖବର ପାଇ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସ୍ଥାନୀୟ ତହସିଲଦାର ପ୍ରଣୟ କୁମାର ଜେନାଙ୍କ ଉପସ୍ଥିତିରେ ଅର୍ଦ୍ଧଦଗ୍ଧ ମହିଳାଙ୍କ ବୟାନ ରେକର୍ଡ କରିଛନ୍ତି। ଗ୍ୟାସ ନିଆଁ ତାଙ୍କ ଶାଢିରେ ଲାଗି ଯିବାରୁ ଏହି ଦୁର୍ଘଟଣା ଘଟିଥିବାର ସେ ବୟାନ ଦେଇଥିବା ପୋଲିସ କହିଛି।

# ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ତଦନ୍ତ

ତିହିଡି,୨୮।୮(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡି ବ୍ଲକ ଅଧୀନ ଭାଟପଡା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରାଯାଇଛି। ପଞ୍ଚାୟତ ଅଧୀନ ଦୀନଦୟାଲ ଭବନ ଏବଂ ମାର୍କେଟ କମ୍ପ୍ଲେକ୍ସ ଭଡା ଆଦାୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକ୍ରମେ ଭିଜିଲାନ୍ସ ବିଭାଗ, ଭଦ୍ରକ ଇନ୍ସପେକ୍ଟର ସୁଲୋଚନା ନାୟକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁଅଁର, ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ଜେନା ପ୍ରମୁଖ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ। ଇନ୍ସପେକ୍ଟର ନାୟକ କେତେକ ରେକର୍ଡ ପତ୍ର ଜବତ କରି ନେଇଯାଇଥିବା ଜଣାପଡିଛି। ତଦନ୍ତ ପରେ ଅନିୟମିତତା ହୋଇଥିବା ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ ଡିଏସପି ଶରତ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଭିଜିଲାନ୍ସ ତଦନ୍ତ କରୁଛି

# ସେବା ସମବାୟ ସମିତିରେ ଅନିୟମିତତା ବିରୋଧରେ ବିକ୍ଷୋଭ

ଭଦ୍ରକ ଅଫିସ,୨୮।୮

ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତିହିଡି ବ୍ଲକ ଗୁଆମାଳ ସେବା ସମବାୟ ସମିତିର ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରି ସମିତିରେ ହୋଇଥିବା ବିଭିନ୍ନ ହେରଫେର ଓ ଅନିୟମିତତାର ତଦନ୍ତ ଦାବି କରିଛନ୍ତି। ବିବାଦୀୟ ସ୍ଥିତି ଯୋଗୁ ସମିତିରେ ଦୀର୍ଘ ୩ ମାସରୁ ଉର୍ଦ୍ଧ୍ୱ ସମୟ ଧରି ତାଲା ପଡି ରହିଛି। ଏହାର ପ୍ରତିବାଦରେ ୪ଟି ପଞ୍ଚାୟତ ପକ୍ଷରୁ ତଳଗୋପବିନ୍ଧା ସରପଞ୍ଚ ପ୍ରୀତିଲତା ସାମଲ, କୁବେରା ସରପଞ୍ଚ ରୀନାରାଣୀ ବେହେରା, ଗୁଆମାଳ ସରପଞ୍ଚ ପ୍ରଦୀପ ପଣ୍ଡା, ଜିଲାପରିଷଦ ସଭ୍ୟ ଚିନ୍ତାମଣି ଦାସଙ୍କ ନେତୃତ୍ୱରେ ୨ଶହରୁ ଉର୍ଦ୍ଧ୍ୱ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏଥିରେ ହସ୍ତକ୍ଷେପ କରି ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ବିକ୍ଷୋଭରୁ ନିବୃତ୍ତ ହୋଇଥିଲେ ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର


@ ବ୍ରଜ


@ ଖୁସୀ


@ ରିଙ୍କୁ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଭଣ୍ଡାରିପୋଖରୀରେ 'ମୁଁ ହିରୋ ମୁଁ ଓଡିଶା'ର ଶୁଭାରମ୍ଭ

ଭଣ୍ଡାରିପୋଖରୀ,୨୮।୮(ସ୍ୱ.ପ୍ର.)– କ୍ରୀଡା, କଳା, ସଂସ୍କୃତି ସମେତ ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ଅବଦାନ ଦେଇଥିବା ବ୍ୟକ୍ତି ଓ ପ୍ରତିଭାଙ୍କୁ ଚିହ୍ନଟ କରି ଖୋଜିବାହାର କରିବା ଲକ୍ଷ୍ୟ ନେଇ ମଙ୍ଗଳବାର ଭଦ୍ରକ ଜିଲାର ଣ୍ଡାରିପୋଖରୀ କଲେଜ ଓ ତହସିଲପଡିଆ ଠାରେ 'ମୁଁହିରୋ ମୁଁ ଓଡିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏହି ଏହି କାର୍ଯ୍ୟକ୍ରମକୁ ଦ୍‌ଘାଟାନ କରି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଭଣ୍ଡାରିପୋଖରୀ କନିଷ୍ଠ କଲେଜ ସଭାଗୃହରେ ବିଡିଓ ବନମାଳୀ ତରାଇଙ୍କ ସଭାପତିତ୍ୱ ଓ ଅଧକ୍ଷ ଭରତ କରଣଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମପି ଅର୍ଜୁନ ଚରଣ ସେଠୀ, ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ତହସିଲଦାର ପ୍ରଣୟ ଜେନା, ଜିଲା କ୍ରୀଡା ଅଧିକାରୀ ମନୋଜ ଦାସ, ଜିଲା ସଂଯୋଜକ ସୌରଭ ପଟ୍ଟନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବିଜୁ ଯୁବ ବାହିନୀର ସମସ୍ତ ସଚେତନତା କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ। ସଭାପରେ ସ୍ଥାନୀୟ ତହସିଲପଡିଆ ଠାରେ ମନ୍ତ୍ରୀ ସାମଲଙ୍କ ସମେତ ଅନ୍ୟ ଅତିଥିମାନେ ପତାକା ଦେଖାଇ 'କାରଭ୍ୟାନ' ପରିଭ୍ରମଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଧୂଷୁରୀକୁ 'ଐତିହାସିକ ଗୌରବ' ଦିଅ

- ରାଜ୍ୟର ପ୍ରଥମ ସ୍ୱାଧୀନତା ଘୋଷଣାର ପୀଠ ଧୂଷୁରୀ
- ଆଜାଦ ସ୍ମାରକୀ ଦିବସ ପାଳିଲେ ବରିଷ୍ଠ ନାଗରିକ
- ୫ ସଂଗ୍ରାମୀଙ୍କୁ ଦିଆଗଲା ସମ୍ବର୍ଦ୍ଧନା

ଅଜିତ କୁମାର ରାଉତ
ଧାମନଗର,୨୮।୮(ଡି.ଏନ.ଏ.)


ଆଜାଦ ସ୍ମାରକୀ ଦିବସ ଉପଲକ୍ଷେ ଆୟୋଜିତ ସଭାରେ ଉପସ୍ଥିତ ସଂଗ୍ରାମୀ, ବୁଦ୍ଧୀଜୀବୀ ଓ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା।

ସେଦିନ ଥିଲା ୧୯୪୨ ମସିହା ଅଗଷ୍ଟ ୨୮ ତାରିଖ। ଭଦ୍ରକ ଜିଲା ଧୂଷୁରୀରେ ବହୁ ସ୍ୱାଧୀନତା ସଂଗ୍ରାମୀ ଏକତ୍ରିତ ହୋଇ ଏହି ଅଞ୍ଚଳକୁ ସ୍ୱାଧୀନ ଘୋଷଣା କରିଥିଲେ। ବ୍ରିଟିଶ ସରକାର ଏଥିରେ ବ୍ୟସ୍ତ ବିବ୍ରତ ହୋଇ ବ୍ୟାପକ ଦମନଲୀଳା ଚଳାଇଥିଲେ। ଯାହାକୁ ନେଇ ପରେ ଲୁଣିଆ ଏବଂ ଇରମ ଆଦି ସ୍ଥାନରେ ଗୁଳିକାଣ୍ଡ ଘଟିଥିଲା। ସଂଗ୍ରାମୀଙ୍କ ରକ୍ତରେ ରଞ୍ଜିତ ହୋଇଥିଲା ମାଟି । ସ୍ୱାଧୀନତା ଆନ୍ଦୋଳନ ବେଳେ ଧୂଷୁରୀକୁ ସ୍ୱାଧୀନ ଘୋଷଣା କରାଯିବା ରାଜ୍ୟରେ ଥିଲା ପ୍ରଥମ ଘଟଣା । ଏହାସତ୍ତ୍ୱେ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଧୂଷୁରୀ ଅଞ୍ଚଳକୁ ଉପଯୁକ୍ତ ଗୌରବ ମିଳି ନାହିଁ କି ସଂଗ୍ରାମର ସ୍ମୃତିକୁ ଉଜ୍ଜୀବିତ ରଖିବା ସକାଶେ କୌଣସି ଉଦ୍ୟମ ହୋଇ ନାହିଁ । ଏହି ପରିପ୍ରେକ୍ଷୀରେ ଧୂଷୁରୀର ବରିଷ୍ଠ ନାଗରିକ ମଞ୍ଚ ପ୍ରଥମ କରି ଏହି ସ୍ୱାଧୀନ ଘୋଷଣା ଦିବସକୁ ଏଥର 'ଆଜାଦ ସ୍ମାରକୀ ଦିବସ' ଭାବେ ପାଳନ କରିଛି। ଏହି ସ୍ଥାନକୁ ଇତିହାସରେ ଉପଯୁକ୍ତ ମାନ୍ୟତା ଦେବା ଏବଂ ପର୍ଯ୍ୟଟନ କ୍ଷେତ୍ର ଘୋଷଣା କରିବା ଲାଗି ବରିଷ୍ଠ ନାଗରିକ ସମେତ ବହୁ ସଂଗ୍ରାମୀ ଓ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ସାମିଲ ହୋଇ ଦାବି କରିଛନ୍ତି। ମଙ୍ଗଳବାର ଧୂଷୁରୀଠାରେ ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ 'ଆଜାଦ ସ୍ମାରକୀ ଦିବସ' କାର୍ଯ୍ୟକ୍ରମ ଅବସରରେ ମଞ୍ଚର ସଭାପତି ହୃଷିକେଶ ବଳ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅପରାହ୍ନରେ ପୂଜ୍ୟପୂଜା ସଂସଦ ପରିସରରେ ସଭାପତି ବଳଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲ। ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ମଞ୍ଚ ପରିଚାଳନା କରିଥିଲେ। ଚନ୍ଦ୍ର ଶେଖର ନାୟକ, ବରିଷ୍ଠ ଓକିଲ ନିରାକାର ଜେନା, ଶଶିଭୂଷଣ ପଣ୍ଡା, ଦିବ୍ୟସିଂହ ନାୟକ, ବରିଷ୍ଠ ଶିକ୍ଷାବିତ ଡ. ରାମ ଚନ୍ଦ୍ର ପଣ୍ଡା, ବାବାଜୀ ଚରଣ ପଣ୍ଡା, ଦୁର୍ଯ୍ୟୋଧନ ତରାଇ, ନରେନ୍ଦ୍ର ଗୋସ୍ୱାମୀ, କବି ଦୟାନିଧି ମିଶ୍ରଙ୍କ ସମେତ ବହୁ ସଂଗ୍ରାମୀ, ବୁଦ୍ଧିଜିବୀ ଓ ଶିକ୍ଷାବିତ ଉପସ୍ଥିତ ରହି ସ୍ୱାଧୀନତା ସଂଗ୍ରାମ ସମୟର ସ୍ମୃତିକୁ ମନେ ପକାଇଥିଲେ । ଏହି ଅବସରରେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଳକୃଷ୍ଣ ଜେନା, ସୁରେନ୍ଦ୍ର ନାୟକ,ଗୌରୀଶ୍ୟାମ ଗୋସ୍ୱାମୀ, ଶ୍ୟାମସୁନ୍ଦର ବେହେରା, ବ୍ରଜ କିଶୋର ରାଉତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରତ୍ୟେକ ବର୍ଷ 'ଆଜାଦ ସ୍ମାରକୀ ଦିବସ' ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳନ କରିବା ଲାଗି ସଭାରେ ସବୁ ବକ୍ତା ଓ ଅତିଥି ସଙ୍କଳ୍ପ ନେଇଥିଲେ । ଉଲ୍ଲେଖନୀୟ ଯେ, ମହାତ୍ମା ଗାନ୍ଧୀ ଭାରତଛାଡ ଆନ୍ଦୋଳନ ଡାକରା ଦେବା ପରେ ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଅଞ୍ଚଳରେ ଅଭୂତପୂର୍ବ ଜାଗରଣ ସୃଷ୍ଟି ହୋଇଥିଲା। ୧୯୪୨ ଅଗଷ୍ଟ ୨୮ ତାରିଖରେ ସଂଗ୍ରାମୀମାନେ ଧୂଷୁରୀରେ ପ୍ରଥମ ସ୍ୱାଧୀନତା ଘୋଷଣା କରିବା ନୂଆ ଇତିହାସ ସୃଷ୍ଟି କରିଥିଲା। ସେଦିନ ଧୂଷୁରୀ ହାଟ ମଧ୍ୟସ୍ଥଳରେ ଥିବା ଏକ ଖୋଲା ସ୍ଥାନରେ ସଂଗ୍ରାମୀମାନେ ଏକାଠି ହୋଇ ସ୍ୱାଧୀନତା ପାଇଁ ପତାକା ଉତ୍ତୋଳନ କରି ବିରାଟ ସଭାର ଆୟୋଜନ କରିଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୈଷ୍ଣବ ଚରଣ ନାୟକ, କାମଦେବ ନାୟକ, ନବ କିଶୋର ନାୟକ, କୃଷ୍ଣ ଚନ୍ଦ୍ର ମାଝୀ, ରଜନୀକାନ୍ତ ଗୋସ୍ୱାମୀ, ମୁକ୍ତିକାନ୍ତ ଗୋସ୍ୱାମୀ, ଯୁଧିଷ୍ଠିର ନାୟକ, ମୂରଲୀଧର ଜେନା, ମୂରଲୀଧର ପଣ୍ଡା,ସାଗର ଭୁୟାଁ,ଗଗନ ନାୟକ ପ୍ରମୁଖଙ୍କ ସମେତ ବହୁ ଯୁବ ସଂଗ୍ରାମୀ ଏହାର ନେତୃତ୍ୱ ନେଇଥିଲେ । ଧୂଷୁରୀର ସ୍ୱାଧୀନତା ଘୋଷଣାକୁ କେନ୍ଦ୍ର କରି ବ୍ରିଟିଶ ସରକାର ଲୁଣିଆ ଏବଂ ଇରମରେ ଗୁଳିମାଡ କରି ନରସଂହାର ଘଟାଇଥିଲେ। ଦେଶ ସ୍ୱାଧୀନ ହେବା ପରେ ରାଜ୍ୟ ସରକାର ଲୁଣିଆ ଓ ଇରମରେ ଶହୀଦ ସ୍ମୃତି ସ୍ମାରକୀ ସ୍ଥାପନ କରି ସେହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇ ସାରିଛନ୍ତି। କିନ୍ତୁ ଧୂଷୁରୀର ସ୍ୱାଧୀନତା ଘୋଷଣା ସ୍ମୃତି ଏଠି ଅଲୋଡା ହୋଇ ରହିଛି। 'ଆଜାଦ ସ୍ମାରକୀ ଦିବସ' ପାଳନ ଅବସରରେ ଅତିଥି ଓ ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରି ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ସଂକ୍ଷେପରେ

### ବାଇକ୍ ସହ କାଠ ଜବତ୍

ଆନନ୍ଦପୁର, ୨୮।୮(ସ୍ୱ.ପ୍ର.): ଆନନ୍ଦପୁର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ ବାଇକ୍ ସହ ୧୧ ଖଣ୍ଡ ଶାଳପଟା ଜବତ ହୋଇଛି। ମଙ୍ଗଳବାର ସକାଳରେ ଜଣେ ବ୍ୟକ୍ତି ଏକ ବାଇକ୍ ଯୋଗେ ଶାଳପଟା ନେଇ ଯାଉଥିବା ସମୟରେ ବନ ବିଭାଗ କର୍ମଚାରୀ ତାଙ୍କୁ ଅଟକାଇ ଥିଲେ। ପରେ ତାଙ୍କଠାରୁ ବାଇକ୍ ସହ କାଠକୁ ଜବତ କରିଥିଲେ। କୌଶଳକ୍ରମେ ବ୍ୟକ୍ତି ଜଣଙ୍କ ଫେରାର ହୋଇଯାଇଛନ୍ତି। ଡିଏଫଓ ଅଜିତ୍ କୁମାର ଶତପଥିଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ସୁରେଶ ଚନ୍ଦ୍ର ସେଠୀ, ରେଞ୍ଜ ଅଧିକାରୀ ପ୍ରଶାନ୍ତ ସ୍ୱାଇଁ, ଫରେଷ୍ଟର ନବ କିଶୋର ନାଏକ, ମଳୟ ସାହୁ, ଶଙ୍କର୍ଷଣ ସା, ହରିହର ମୁର୍ମୁ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### କମ୍ପାଉଣ୍ଡରଙ୍କୁ ମାଡ଼ ମାରି ଯୁବକ ଗିରଫ

ହାଟଡିହୀ, ୨୮।୮(ଡି.ଏନ.ଏ.): ହାଟଡିହୀ ବ୍ଲକ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ କମ୍ପାଉଣ୍ଡରଙ୍କୁ ମଙ୍ଗଳବାର ଜଣେ ଯୁବକ ମାଡ଼ ମରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଆନନ୍ଦପୁର ଡିଏସପି ମହେଶ୍ୱର ସେଠୀଙ୍କ ନିର୍ଦ୍ଦେଶରେ ନନ୍ଦିପଦା ଥାନା ଅଧିକାରୀ ନୟନା ବେହେରା ପୋଲିସ ଫୋର୍ସ ସହ ଶାଳଣିଆ ଡାକ୍ତରଖାନାରେ ପହଞ୍ଚିଥିଲେ। ପୋଲିସ କର୍ମଚାରୀ ଅଭିଯୁକ୍ତ ଯୁବକଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ଯୁବକ ଜଣଙ୍କ ଦଉଡି ପଳାଇଯାଇଥିଲେ। ପରେ ଡିଏସପି ମହେଶ୍ୱର ସେଠୀ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଧରିବା ପାଇଁ ଆଖପାଖ ଗ୍ରାମରେ ଚଢ଼ାଉ ଜୋରଦାର କରିଥିଲେ। ପରେ ଶାଳଣିଆ ଗ୍ରାମରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ପାଖରୁ ଏକ ଛୁରୀ ଜବତ ହୋଇଛି। ଆନନ୍ଦପୁର ଡିଏସପି ମହେଶ୍ୱର କହିଛନ୍ତି ଯେ, ଘଟଣାକୁ ଆମେ ଅନୁଧାନ କରିବା ସହ ତଦନ୍ତ ଜାରି ରଖିଛୁ। ଏହି ଘଟଣା ପଛରେ ଆଉ କାହାର ହାତ ଅଛି ସେ ନେଇ ତଦନ୍ତ ଜାରି ରହିଛି।

### ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅଣାଗଲା

ଝୁମ୍ପୁରା, ୨୮।୮(ଡି.ଏନ.ଏ.): ଚଳିତ ବର୍ଷ ଶାରଦୀୟ ପୂଜା ପାଇଁ ମା' ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଲାଗି ମାଟି ଅନୁକୂଳ ହୋଇଛି। ପରମ୍ପରା ଅନୁସାରେ ସମସ୍ତ ପ୍ରକାରର ପୂଜା ବିଧି ପୂର୍ବକ ଝୁମ୍ପୁରା ନିକଟସ୍ଥ ବିଷ୍ଣୁପୁର ଗାଁ ଶ୍ମଶାନରୁ ଗହ୍ମା ପୂର୍ଣ୍ଣିମାରେ ମା'ଙ୍କର ମୂର୍ତ୍ତି ତିଆରି ପାଇଁ ମାଟି ଅନୁକୂଳ ହୋଇଥିଲା। ଶ୍ମଶାନରୁ ମାଟି ଆଣିବା ପାଇଁ ସକାଳେ ଢୋଲ , ମହୁରି, ଶଙ୍ଖ, ଘଣ୍ଟ ଧ୍ୱନୀରେ ବ୍ରାହ୍ମଣ, ପୂଜାର ମୁଖ୍ୟକର୍ତ୍ତା, ଦୁର୍ଗତୀ ନାଶିନୀ ଯୁବ ସଂଘର ସଦସ୍ୟ, ଗ୍ରାମବାସୀ ପହଞ୍ଚିଥିଲେ। ପୂଜା ପରେ କୋଦାଳରେ ଶ୍ମଶାନ ମାଟି କଟାଯାଇ ଲାଲ କପଡାରେ ବନ୍ଧା ହୋଇ ଶୋଭା ଯାତ୍ରାରେ ଦୁର୍ଗା ମନ୍ଦିରକୁ ଅଣାଯାଇଛି।

# ଶିଶୁ ଶ୍ରମିକଙ୍କୁ ନିର୍ଯାତନା

- ପଦକ୍ଷେପ ନେଲାନି ଶ୍ରମ ବିଭାଗ
- ଖସିଗଲେ ଶ୍ରମିକ ଦଲାଲ

ଝୁମ୍ପୁରା, ୨୮।୮(ଡି.ଏନ.ଏ.)

କେନ୍ଦୁଝର ଜିଲାରେ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା କେତେ ଜଣ ଶିଶୁ ଶ୍ରମିକ ନିର୍ଯାତନାର ଶିକାର ହୋଇଛନ୍ତି। ସବୁଜାଣି ଶ୍ରମ ବିଭାଗ ଚୁପ ରହିଥିବା ଅଭିଯୋଗ ହୋଇଛି। ହୋଟେଲ, ଢାବା, ଘରୋଇ କାର୍ଯ୍ୟରେ ଶିଶୁମାନଙ୍କୁ ନିୟୋଜନ କରି କେତେ ଜଣ ଅସାଧୁ ଲୋକ ଅର୍ଥ ନେଇ ଛୁ ହୋଇଛନ୍ତି। ଶ୍ରମିକ ଦଲାଲଙ୍କ ଦ୍ୱାରା ଶିଶୁ ଶ୍ରମିକଙ୍କୁ ନିର୍ଯାତନା ଦିଆଯାଇଛି। ଅଭିଯୋଗ ପରେ ବି ଜିଲା ଶ୍ରମ ବିଭାଗ ନିଦା ବିଷ୍ଣୁ ପାଲଟିଛି। କେତେ ଜଣ ଶିଶୁଙ୍କୁ ନିର୍ମାଣ ଶ୍ରମିକ ଭାବେ ନିୟୋଜିତ କରି ପାରିଶ୍ରମିକ ସହ ଖାଇବାକୁ ନ ଦେବା, ମାଡ଼, ଗାଳି କରି ନିର୍ଯାତନା ଦେବା ଭଳି ସଙ୍ଗୀନ ଅଭିଯୋଗର ହୋଇଛି। ଏପରି ଘଟଣା ଝୁମ୍ପୁରା ବ୍ଲକ ମଳଦା ପଞ୍ଚାୟତରେ ଦେଖିବାକୁ ମିଳିଛି।

ଝୁମ୍ପୁରା ବ୍ଲକର ମଳଦା, ନୟାଗଡ, ବସନ୍ତପୁର, କୁଟୁଗାଁ ପଞ୍ଚାୟତରେ କେତେ ଜଣ ଶିଶୁ ଶ୍ରମିକଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜନ କରାଯାଇଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ମଳଦା ଗ୍ରାମରେ ସୋମବାର ୬ ଶିଶୁ ଶ୍ରମିକଙ୍କୁ ୩ ଦିନ ହେବ ଖାଇବାକୁ ଦିଆ ନ ଯାଇ ଅଟକ ରଖାଯାଇଥିବା ଘଟଣା ପଦାକୁ ଆସିଛି। ସେମାନଙ୍କୁ ଖାଇବାକୁ ନ ଦିଆଯାଇ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ସମସ୍ତଙ୍କର ଘର ବାଂଶପାଳ ବ୍ଲକ ଶୁକୁଡୋଳା ଗ୍ରାମରେ। ନିର୍ମାଣ ଶ୍ରମିକ ଭାବେ କାମ କରିବାକୁ ସେମାନଙ୍କୁ ଜଣେ ଲୋକ ନେଇ ଆସିଥିଲେ। ନୟାଗଡ ପଞ୍ଚାୟତ ବାମନଡ଼ିହା ଏବଂ ବାଲିବନ୍ଧ ପଞ୍ଚାୟତର ଦୁଇ ଜଣ ଲୋକ ଟଙ୍କା ପ୍ରଲୋ ଦେଖାଇ ଶିଶୁମାନଙ୍କୁ ଘରୁ ଡାକି ଆଣିଥିଲେ। ଘଟଣା ପଦାକୁ ଆସିବା ପରେ ଜିଲା ଶ୍ରମ ଅଧିକାରୀ ଅକ୍ଷୟ ପ୍ରଧାନଙ୍କୁ ଯୋଗାଯୋଗ କରାଯାଇ ଶିଶୁମାନଙ୍କୁ ଉଦ୍ଧାର କରିବାକୁ ଅନୁରୋଧ କରାଯାଇଥିଲା। ପ୍ରଶାସନର ଖାମଖିଆଲି ନୀତିରୁ ଶିଶୁମାନଙ୍କୁ ଉଦ୍ଧାର କରାଯାଇ ପାରିନାହିଁ। ଦଲାଲ ଦ୍ୱୟଙ୍କୁ ମଧ୍ୟ ଧରାଯାଇପାରି ନାହିଁ। ମଙ୍ଗଳବାର ଜିଲାରୁ ଗ୍ରାମୀଣ ଶ୍ରମ ଅଧିକାରୀ ବୃନ୍ଦାବନ ଜୁଆଙ୍ଗ ଏବଂ କୁମୁଦିନୀ କବିତା ହେମ୍ବ୍ରମଙ୍କ ସହ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଦଲାଲଙ୍କ କୌଣସି ପ୍ରକାରେ ଶିଶୁ ଶ୍ରମିକ ମାନଙ୍କୁ ଖସାଇ ନେଇ ସାରିଥିଲେ। ଶିଶୁ ଶ୍ରମିକମାନେ ସେମାନଙ୍କ ଘରେ ପହଞ୍ଚିଛନ୍ତି କି ନାହିଁ ଜଣାପଡ଼ିନି।

# ରାସ୍ତା ପାଇଁ ହୀନସ୍ତା

ତେଲକୋଇ, ୨୮।୮(ଡି.ଏନ.ଏ.)

ତେଲକୋଇ ବ୍ଲକ ଉପାନ୍ତ ଅଞ୍ଚଳର ବସ୍ତି ବାସିନ୍ଦା ରାସ୍ତା ପାଇଁ ହୀନସ୍ତା ହେଉଛନ୍ତି। ରାସ୍ତା ଘାଟ ନ ଥିବାରୁ ବହୁ ଅବସୁବିଧା ଭୋଗୁଛନ୍ତି। ତାଳପଦା ପଞ୍ଚାୟତ ଅଧୀନ ଗୁଡିନରଦା ଯୁଆଙ୍ଗ ବସ୍ତିର ବାସିନ୍ଦା ଶୋଚନୀୟ ରାସ୍ତାରେ ଯାତାୟାତ କରୁଛନ୍ତି। ପଞ୍ଚାୟତ ମୁଖ୍ୟାଳୟକୁ ରାସ୍ତା ନ ଥିବା ବେଳେ ହରିଚନ୍ଦନପୁର ବ୍ଲକର ପିଠାଗୋଳା ପଞ୍ଚାୟତକୁ ମଧ୍ୟ ଯୋଗାଯୋଗ ବିଚ୍ଛିନ ହୋଇପଡ଼ିଛି। ପଞ୍ଚାୟତ ମୁଖ୍ୟାଳୟକୁ ଆସିବା ପାଇଁ ୧୨ କି.ମି. ରାସ୍ତା ରହିଥିବା ବେଳେ ପିଠାଗୋଳା ପଞ୍ଚାୟତକୁ ମାତ୍ର ୨କି.ମି. ରାସ୍ତା ରହିଛି। ଗୁଡ଼ିନରଦା ଯୁଆଙ୍ଗ ବସ୍ତି ପଞ୍ଚାୟତ ମୁଖ୍ୟାଳୟକୁ ଯିବା ପାଇଁ ରାସ୍ତା ଅଭାବ ଓ ଦ୍ୱରତ୍ୱକୁ ନେଇ ପିଠାଗୋଳା ଉପରେ ନିର୍ଭର କରିଥାନ୍ତି।

ବ୍ଲକ ପ୍ରଶାସନ ଗୁଡିନରଦା ଯୁଆଙ୍ଗ ବସ୍ତିଠାରୁ ପିଠାଗୋଳା ଖରବା ପର୍ଯ୍ୟନ୍ତ ୨କି.ମି. ରାସ୍ତା ମରାମତି ପାଇଁ ଏମଜିଏନଆରଇଜିଏସ ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଥିଲା। ଉକ୍ତ ରାସ୍ତା ଆଣ୍ଠୁଏ କାଦୁଅରେ ଭର୍ତ୍ତି ହୋଇଛି। ୨୫ରୁ ଉର୍ଦ୍ଧ୍ୱ ଜୁଆଙ୍ଗ ପରିବାରର ୧୨୦ରୁ ଲୋକ ବସବାସ କରନ୍ତି।



ଶୋଚନୀୟ ହୋଇପଡ଼ିଥିବା ଗୁଡିନରଦା ରାସ୍ତା।

ସ୍ଥାନୀୟ ସରପଞ୍ଚ ସାବିତ୍ରୀ ଜୁଆଙ୍ଗଙ୍କୁ ପଚାରିବାରୁ ତାଳପଦା ମୁଖ୍ୟାଳୟଠାରୁ ରାସ୍ତା ଖରାପ ଯୋଗୁଁ ଗୁଡିନରଦା ଜୁଆଙ୍ଗ ଲୋକେ ପିଠାଗୋଳା ପଞ୍ଚାୟତ ଉପରେ ନିର୍ଭର କରନ୍ତି। ପ୍ରଶାସନଙ୍କୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳିପାରୁନାହିଁ ବୋଲି ସେ କହିଛନ୍ତି।

■ ଜିଲାରେ ବିଦ୍ୟୁତ୍ ସମସ୍ୟା

# ଭିତରେ ବୈଠକ, ବାହାରେ ହିତାଧିକାରୀ



କାର୍ଯ୍ୟାଳୟ ବାହାରେ ହିତାଧିକାରୀ ବସିଛନ୍ତି।

କେନ୍ଦୁଝର, ୨୮।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ବିଦ୍ୟୁତ୍ ସମସ୍ୟାକୁ ନେଇ ବିରୋଧ ବୃଦ୍ଧି ପାଉଛି। ସମସ୍ତଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇଦିଆଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇ ଆସୁଥିବା ବେଳେ ଜିଲାର ବହୁ ଗ୍ରାମ/ସାହିରେ ଲୋକେ ବିଜୁଳି ଆଲୋକରୁ ବଞ୍ଚିତ ହେଉଛନ୍ତି। ଏ ନେଇ ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜିଲାରେ ଚାଲିଥିବା ବିଦ୍ୟୁତ୍ ସଂଯୋଗର ଅଗ୍ରଗତି ନିମନ୍ତେ ସମୀକ୍ଷା ବୈଠକ ବସିଥିଲା। ବୈଠକରେ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସଙ୍କ ଅଧକ୍ଷତାରେ ଚାଲିଥିଲା।

କେନ୍ଦୁଝର ଅନ୍ୟ ଡିଭିଜନର ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍ ସଂଯୋଗ କାମ କରୁଥିବା ଠିକା ସଂସ୍ଥାର ପ୍ରତିନିଧି ସମେତ ସାମିଲ ଥିଲେ। ଅନ୍ୟପକ୍ଷରେ ଦୀର୍ଘ ବହୁ ବର୍ଷ ଧରି ବିଦ୍ୟୁତ୍ ସେବା ପାଇ ନ ଥିବା ହରିଚନ୍ଦନପୁର ବ୍ଲକର ପିଠାଗୋଳା ଗ୍ରାମର ଆଦିବାସୀ ବହୁଳ ମଲାର, ଜୁଆଙ୍ଗ ଓ ହରିଡାଗୋଠ ସାହିର ଲୋକମାନେ ଅଫିସ ବାହାରେ ଅପେକ୍ଷାରେ ବସିଥିଲେ। ସେମାନଙ୍କୁ ବିଦ୍ୟୁତ୍ ସେବା ମିଳୁ ନ ଥିବାରୁ ଦୀର୍ଘ ପ୍ରାୟ ୬୦ କିମି ଦୂର ଆସି ଜିଲା ମୁଖ୍ୟାଳୟଠାରେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଥିଲେ। ବିଦ୍ୟୁତ୍ ସେବା ପହଞ୍ଚି ପାରୁ ନ ଥିବାରୁ ଅନ୍ଧାରରେ ପିଲାଙ୍କ ପାଠପଢା ବ୍ୟାଘାତ ହେବା ସହ ଉକ୍ତ ଅଞ୍ଚଳରେ ଦେଖାଦେଉଥିବା ହାତୀ ଉପଦ୍ରବ ଯୋଗୁଁ ଭୟଭୀତ ହୋଇପଡୁଛନ୍ତି। ୱାର୍ଡ ମେମ୍ବର ଝୁନୁ ପଲେଇଙ୍କ ନେତୃତ୍ୱରେ ମହିଳାମାନେ ଆସି ବିଦ୍ୟୁତ୍ ସେବା ଯୋଗାଇଦେବାକୁ ଦାବି କରିଥିଲେ। ବିଦ୍ୟୁତ୍ ସଂଯୋଗ ସବୁସାହି ଓ ଘରକୁ ହୋଇଛି ନାହିଁ ତାହାର ତଦାରଖ ଠିକ ଭାବରେ ହେଉ ନ ଥିବା ଅଭିଯୋଗ ହେଉଛି। କାମ ଏବେ ଠିକ ଭାବରେ ଚାଲିଛି। ପ୍ରତ୍ୟେକ ମାସ କାମ ତଦାରଖ କରାଯାଉଛି ବୋଲି ନିର୍ବାହୀ ଯନ୍ତ୍ରୀ ବି.ଏନ.ସାହୁ କହିଛନ୍ତି।

## ଭୂୟାଁ ସାହିରେ ପାନୀୟଜଳ ସମସ୍ୟା

କେନ୍ଦୁଝର, ୨୮।୮(ସ୍ୱ.ପ୍ର.)

ବାଂଶପାଳ ବ୍ଲକ ଠାକୁରଡିହି ଗ୍ରାମ ଭୂୟାଁ ସାହିରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ସାହିରେ ପ୍ରାୟ ୨୫ ଘର ରହିଛି। ଗତ ୬ ଦିନ ହେଲା ସେଠାରେ ଥିବା ନଳକୂପକୁ ଖୋଲି ନିଆଯାଇଥିବାରୁ ଲୋକେ ପାଣି ପାଇଁ ବହୁ ଅସୁବିଧା ଭୋଗୁଛନ୍ତି। ନଳକୂପ ସହ ଏକ ଓଭରହେଡ ଟାଙ୍କି ସଂଯୋଗ କରିବା ପାଇଁ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ଫଳରେ ବର୍ଷା ଦିନରେ ଲୋକେ ପାଣି ପାଇଁ ଅସୁବିଧା ଭୋଗୁଥିବା ସ୍ଥାନୀୟ ଅଧିବାସୀ କୃଷ୍ଣ ଠାକୁର କହିଛନ୍ତି। ନଳକୂପ ଚାରିପାଖ କାଦୁଅ ଓ ମଇଳା ଆବର୍ଜନା ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ରୋଗ ବ୍ୟାପିବା ଆଶଙ୍କା ରହୁଛି। ନଳକୂପର ପାଣି ନିଷ୍କାସନ ପାଇଁ ସୁବ୍ୟବସ୍ଥା କରାଯାଇ ନ ଥିବା ଏବଂ ନିମ୍ନମାନର କାମ ହୋଇଥିବାରୁ ଏଭଳି ପରିବେଶ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି।

■ ଡାହାଣୀ ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା ଘଟଣା

# ଗିରଫ ହେଲେ ମା'ପୁଅ

ଆନନ୍ଦପୁର, ୨୮।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ହରଡ଼ବାହାଳି ଗ୍ରାମରେ ଗତ ସୋମବାର ରାତିରେ ଡାହାଣୀ ସନ୍ଦେହରେ ଜଣେ ବୃଦ୍ଧାଙ୍କୁ ନିଜ ଯା' ଏବଂ ପୁତୁରା ବିଷ ପିଆଇ ମାରି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର କମଳାକାନ୍ତ ମାଝିଙ୍କ ସ୍ତ୍ରୀ ଫୁଲ ମାଝୀଙ୍କୁ ତାଙ୍କ ଭାଇ ନାରାୟଣ ମାଝୀଙ୍କ ସ୍ତ୍ରୀ ହୀରା ଏବଂ ପୁଅ ରବୀନ୍ଦ୍ର କୁରାଢୀ ଦେଖାଇ ଯୋର ଜବରଦସ୍ତ ବିଷ ପିଇବାକୁ କହିଥିଲେ। ଫୁଲ ବିଷକୁ ପିଇ ଦେଇଥିଲେ। ପରେ ଫୁଲମାଝୀଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଥାନାରେ ଅଭିଯୋଗ ପରେ ଏକ ମାମଲା (ନଂ.୧୨୪/୧୮) ରୁଜୁ ହୋଇଛି। ପରେ ମା'ପୁଅଙ୍କୁ ପୋଲିସ ଗିରଫ କରିଛି। ବୁଧବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରାମଚନ୍ଦ୍ରପୁର ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି।

■ ନାବାଳିକାଙ୍କୁ ବଳାତ୍କାର

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଚାପା ଉତ୍ତେଜନା

ଯୋଡ଼ା, ୨୮।୮(ଡି.ଏନ.ଏ.)

ଯୋଡ଼ା ସହରର ଏକ ହଟିଂ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଳମ୍ବ କରୁଛି। ଏ ନେଇ ଉକ୍ତ ହଟିଂରେ ଚାପା ଉତ୍ତେଜନା ଦେଖାଦେଇଛି। ଫଳରେ ବସ୍ତି ବାସିନ୍ଦାମାନେ ମଙ୍ଗଳବାର ସନ୍ଧ୍ୟାରେ ଯୋଡା ଥାନାକୁ ଯାଇ ଅସନ୍ତୋଷ ପ୍ରକାଶ କରିଥିଲେ। ପୋଲିସ ସେମାନଙ୍କୁ ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୋମବାର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖିଥିଲା। ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ହେଁ ପୋଲିସ କୌଣସି ମାମଲା ରୁଜୁ କରି ନ ଥିବାରୁ ବସ୍ତିବାସିନ୍ଦା କାର୍ଯ୍ୟାନୁଷ୍ଠାନ ଦାବି କରି ଥାନାର ଦ୍ୱାରସ୍ତ ହୋଇଥିଲେ। ଏ ନେଇ ଯୋଡା ଥାନା ଆଇଆଇସି ମନୋଜ କୁମାର ରାଉତଙ୍କୁ ପଚାରିବାରୁ ଥାନାରେ ଏକ ମାମଲା (ନଂ ୧୪୪/୧୮) ରୁଜୁ ହୋଇଛି। ଜଣେ ଯୁବକଙ୍କୁ ଅଟକ ରଖାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି।

# ପଲିଥିନ ମୁକ୍ତ ସହର ଗଠନ ଚିନ୍ତା

ବଡବିଲ, ୨୮।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବିକାଶ ମହଲ ସଭା ଗୃହରେ ମଙ୍ଗଳବାର ପୌରାଞ୍ଚଳ ଯୁବ ବାହିନୀ କାର୍ଯ୍ୟକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି ଶିବିର ଅନୁଷ୍ଠିତ ହୋଇଛି। କେନ୍ଦୁଝର ଜିଲା ପ୍ରୋଗ୍ରାମ ଅଫିସର ଜନାର୍ଦ୍ଦନ ଗିରିଙ୍କ ଅଧକ୍ଷତାରେ ପୌରାଞ୍ଚଳର ୧୫ଟି ୱାର୍ଡରୁ ଯୁବ ବାହିନୀ ସଭାପତି, ସମ୍ପାଦକ, ସଦସ୍ୟ ଯୋଗ ଦେଇଥିଲେ। ବିଜୁ ଯୁବବାହିନୀର ପରିଚାଳନା, ମୁଁ ହିରୋ, ସାମାଜିକ ବିକାଶ ନିମନ୍ତେ କାର୍ଯ୍ୟକ୍ରମ ଯଥା ବୃକ୍ଷରୋପଣ, ଡେଙ୍ଗୁ ମାଲେରିଆ, ଡାଇରିଆର ସଚେତନତା ଓ ଖୋଲା ମଳତ୍ୟାଗ ବନ୍ଦ କରିବା ନେଇ ଆଲୋଚନା ହୋଇଥିଲା। ପଲିଥିନ ମୁକ୍ତ ସହର ଗଠନ ନେଇ ବିଶେଷ ଦୃଷ୍ଟି ଦେବା ପାଇଁ ଶିବିରରେ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଥିଲା।




ଶିବିରରେ ଯୋଗ ଦେଇଥିବା ଯୁବବାହିନୀଙ୍କ ସହ ଅନ୍ୟମାନେ।

ଆଗାମୀ ଅକ୍ଟୋବର ୧୭ରେ ବଡ଼ବିଲରେ ମୁଁ ହିରୋ କାର୍ଯ୍ୟକ୍ରମ ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ନେଇ ପ୍ରୋଗ୍ରାମ ଅଫିସର ଗିରି ସୂଚନା ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ପୌରାଧକ୍ଷ ଦିଲିପ ମିଶ୍ର, ପୌର ଉପାଧକ୍ଷା ଲାବଣ୍ୟବତୀ ସାହୁ, ଯୁବବାହିନୀ ପୌର ସଂଯୋଜକ ଦୀନବନ୍ଧୁ ଭଞ୍ଜ, ଚିତ୍ତରଞ୍ଜନ କରଙ୍କ ସହ ୱାର୍ଡ କାଉନସିଲରମାନେ ଯୋଗ ଦେଇଥିଲେ। ଶ୍ରୀମନ୍ତ ପଟ୍ଟନାୟକ, ରବିନାରାୟଣ ସାହୁ, ଚନ୍ଦନ ମହାନ୍ତ, ଅମିତ ସାଣ୍ଡିଲ, ସିଦ୍ଧାର୍ଥ ପରିଡା, ସାଗର ମହାନ୍ତି, ମନିନ୍ଦର ସିଂହ, ଅଜୟ ମୁଣ୍ଡା, ସୁଶାନ୍ତ କର, ଅଶ୍ୱଥମା ଘଣା, ରମେଶ ମୁଣ୍ଡା, ଅଜିତ ମୁଣ୍ଡା ଓ ଅଗଷ୍ଟିନ ବାର୍ଲା ପ୍ରମୁଖ ଯୁବବାହିନୀ ସଦସ୍ୟ ଯୋଗ ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୃତୀ ଛାତ୍ରୀଛାତ୍ର

ଆନନ୍ଦପୁର, ୨୮।୮(ସ୍ୱ.ପ୍ର.)

ଘସିପୁରା ବ୍ଲକ ଭଣ୍ଡାରିଡିହା ସରସ୍ୱତୀ ଶିଶୁ ମନ୍ଦିରର ତିନି ଛାତ୍ରୀଛାତ୍ର ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରି ଗୌରବ ଅର୍ଜନ କରିଛନ୍ତି। ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା ଗତ ଶନିବାର ଆନନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶ ଗ୍ରହଣ କରି ଭଣ୍ଡାରିଡିହା ସରସ୍ୱତୀ ଶୁଶୁ ମନ୍ଦିରର ଛାତ୍ରୀ ସୁଶ୍ରୀ ତନୟା ରାଜେଶ୍ୱର ଦାଶ ଗାଣିତିକ ପ୍ରତିରୂପ ପ୍ରକଳ୍ପରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସୁଶ୍ରୀ ପ୍ରିତି ପ୍ରଭା ରାଉତ ଦ୍ରବଣୀୟ ଓ ଅଦ୍ରବଣୀୟ ପଦାର୍ଥ ପ୍ରକଳ୍ପରେ ପ୍ରଥମ ସ୍ଥାନ ଓ ଶ୍ରୀମାନ୍ ଜୀବନ ଜ୍ୟୋତି ପଲେଇ ବାୟୁ ସ୍ଥାନ ଅଧିକାର କରେ ପ୍ରକଳ୍ପରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତିତ୍ୱ ପାଇଁ ବିଦ୍ୟାଳୟ ତରଫରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ପରିବେଶ ସୁରକ୍ଷା ପାଇଁ ଚାରାରୋପଣ

କେନ୍ଦୁଝର, ୨୮।୮ (ସ୍ୱ.ପ୍ର.)

ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରି ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଶା ମୋଟର କର୍ମଚାରୀ ସଂଘ କେନ୍ଦୁଝର ଶାଖା ପକ୍ଷରୁ ଗତ ରବିବାର ଜିଲା କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶିଷ ଠାକରେ, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ ଯୋଗଦେଇ ଚାରାରୋପଣ କାର୍ଯ୍ୟ ନେଇ ସଂଘର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ପରେ କେନ୍ଦୁଝର ଜିଲା ଶାଖା ବିଶ୍ରାମଗୃହ ସଭା କକ୍ଷରେ ସଭାପତି ହେମନ୍ତ କୁମାର ନାଥଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ୍ ଏବଂ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଜିଲାପାଳଙ୍କ ସହ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

ଦକ୍ଷତାର ସହ ଗାଡି ଚାଳକ ଭାବେ ଉଲ୍ଲେଖନୀୟ ସେବା ପାଇଁ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟର ଗାଡି ଚାଳକ ମାନଗୋବିନ୍ଦ କୁଅଁରଙ୍କୁ ସଂଘ ତରଫରୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମ୍ପାଦକ ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ଗୌରହରି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ବରିଷ୍ଠ ଉପଦେଷ୍ଟା ସତ୍ୟନାରାୟଣ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ପର୍ଶୁରାମ ମହାନ୍ତି, ଶଙ୍କର ନାଏକ, ଆନାମୁଲ୍ଲା ଆନସାରୀ, ବନମାଳୀ ତରାଇ, ସୁଜିତ ଲାଗୁରୀ, ଯୁଗ୍ମ ସମ୍ପାଦକ ବିରଞ୍ଚି ନାରାୟଣ ମହାନ୍ତି, ହେମନ୍ତ ସାହୁ, ବଳରାମ ସାହୁ, ସଙ୍ଗଠନ ସମ୍ପାଦକ ମଙ୍ଗଳ ଓରାମ୍, ସୁବେନ୍ଦୁ ରାମ୍, ବସନ୍ତ ସାହୁ, ରାଜେଶ ଦାଶ, କୋଷାଧକ୍ଷ ପ୍ରତାପ ଚନ୍ଦ୍ର ରାଜଙ୍କ ସମେତ ଜିଲାର ବିଭିନ୍ନ ଉପଖଣ୍ଡ ଓ ବ୍ଲକ୍‌ସ୍ତରରୁ ଆସିଥିବା ସଦସ୍ୟ ସହଯୋଗ କରିଥିଲେ।

# 'ଟାଉନ ପଡ଼ିଆକୁ ଷ୍ଟାଡ଼ିୟମ ମାନ୍ୟତା ଦିଅ'

ଆନନ୍ଦପୁର, ୨୮।୮(ସ୍ୱ.ପ୍ର.)

## ଲୁଚି ରହିଛି ଅନେକ ପ୍ରତିଭା

- ରକ୍ଷଣାବେକ୍ଷଣ ହୋଇପାରୁନି
- ନୂଆ ରୂପରେଖ ଦେବାକୁ ଦାବି
- ନୂତନ କର୍ମକର୍ତ୍ତା ଚୟନ ହୋଇନି

କେନ୍ଦୁଝର ଜିଲା ଆନନ୍ଦପୁରର ଟାଉନ ପଡ଼ିଆର ସ୍ୱତନ୍ତ୍ର ନାଁ ରହିଛି। ଆନନ୍ଦପୁର ପୌରପରିଷଦ ୭ ନଂ ୱାର୍ଡ଼ ବ୍ରିଜଛକଠାରେ ଥିବା ଉକ୍ତ ପଡ଼ିଆକୁ ଷ୍ଟାଡିୟମ୍‌ର ମାନ୍ୟତା ଦେବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀଙ୍କଠାରୁ ଆରମ୍ଭ କରି ଯୁବଗୋଷ୍ଠୀଙ୍କ ମଧ୍ୟରେ ଦାବି ଜୋର ଧରିଲାଣି। ଟାଉନ ପଡ଼ିଆ ଆନନ୍ଦପୁର ସହର ସମେତ ଆଖପାଖ ଅଞ୍ଚଳର ଅନେକ ଫୁଟବଲ୍ ତାରକା ଖେଳି ରାଜ୍ୟସ୍ତରୀୟ ଖେଳାଳି ଭାବେ ପ୍ରତିପାଦିତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ବହୁ ଖେଳାଳି ନିଜ ଉଦ୍ୟମରେ ରାଜ୍ୟ ସ୍ତରୀୟ ଫୁଟବଲ ଖେଳି ଆନନ୍ଦପୁର ଗୌରବକୁ ବୃଦ୍ଧି କରିବାରେ ବେଶ ସହାୟକ ହୋଇଛନ୍ତି। ସେଠାରେ ଫୁଟବଲ୍, କ୍ରିକେଟ ଓ ଭଲିଭଲ୍ ଖେଳ ଅନୁଷ୍ଠିତ ହେଉଛି। ପଡ଼ିଆର ରୂପ ରେଖକୁ ପରିବର୍ତ୍ତନ କରାଯାଇପାରିଲେ ଖେଳାଳୀମାନେ ଉପକୃତ ହୋଇପାରେନ୍ତେ ବୋଲି ମତ ପ୍ରକାଶ ପାଉଛି। ଟାଉନ ପଡ଼ିଆର ରକ୍ଷଣାବେକ୍ଷଣ ଦାୟିତ୍ୱ ଆନନ୍ଦପୁର କ୍ରୀଡା ସଂସଦ ହାତରେ ରହିଛି। ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଆନନ୍ଦପୁର କ୍ରୀଡା ସଂସଦରେ ଅଚଳାବସ୍ଥା ଲାଗିରହିଛି। ସଂସଦ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୁନର୍ଗଠିତ ହେବାକୁ ଥିବାବେଳେ ଅଦ୍ୟାବଧି ଏହା କାର୍ଯ୍ୟକାରୀ ହୋଇପାରିନି। ପୁରୁଣା କର୍ମକର୍ତ୍ତାଙ୍କୁ ନେଇ ସଂସଦ କାର୍ଯ୍ୟ କରୁଛି। ସଂସଦର ସଭାପତି ଦାୟିତ୍ୱ ସ୍ଥାୟୀ ଭାବେ ଆନନ୍ଦପୁର ଉପଜିଲାପାଳଙ୍କ ହାତରେ ରହିଛି। ଅନ୍ୟକର୍ମକର୍ତ୍ତା ଏକ ନିର୍ଦ୍ଦିଷ୍ଟ ସମସୟ ସୀମା ମଧ୍ୟରେ ପରିବର୍ତ୍ତନ ହେବା କଥା କିନ୍ତୁ ତାହା ହୋଇପାରିନି। ଫଳରେ ପରିଚାଳନା ଗତ ତ୍ରୁଟି ପରିଲକ୍ଷିତ ହେଉଛି। ସଂସଦର ଆୟ କମି କମି ଯାଉଛି। ପଡ଼ିଆର ରକ୍ଷଣାବେକ୍ଷଣ ହୋଇପାରୁନି।




ଆନନ୍ଦପୁରର ଟାଉନ ପଡ଼ିଆ।

ଦୁଇ ବର୍ଷ ତଳେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ସଂସଦର କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦୁଃଖର ବିଷୟ ରାଜନୈତିକ ଛକ୍କାପଞ୍ଝା ମଧ୍ୟରେ ତାହା ସମ୍ଭବ ହୋଇ ନ ଥିଲା। ଯାହାକି ଏବେ ମୁଖ୍ୟ ସମସ୍ୟା ଭାବେ ଛିଡା ହୋଇଛି। ତିନି ବର୍ଷ ତଳେ ଜିଲାପାଳଙ୍କ ଅନୁଦାନ ପାଣ୍ଠିରୁ ୩୦ ଲକ୍ଷ ବ୍ୟୟ ଅଟକଳରେ ପଡିଆର ଚତୁଃପାର୍ଶ୍ୱରେ ପାଚିରି ନିର୍ମାଣ କରାଯାଇଥିଲେ ସୁଦ୍ଧା ରକ୍ଷଣାବେକ୍ଷଣ ଅଭାବରୁ ପଡିଆ ମଧ୍ୟରୁ ଅନାବନା ଘାସ ଗଛକୁ ଉଚ୍ଛେଦ କରାଯାଇପାରୁ ନାହିଁ। ଫଳରେ ପଡିଆର ୪୦ ପ୍ରତିଶତ ବ୍ୟବହାର ଉପେଯାଗୀ ହୋଇପାରୁଛି। ପ୍ରାତଃ ଭ୍ରମଣରେ ଆସୁଥିବା ସ୍ଥାନୀୟ ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ସରୀସୃପର ଭୟ ଲାଗି ରହୁଛି। ଆନନ୍ଦପୁରର ଗର୍ବ ଗୌରବ ଟାଉନ ପଡିଆକୁ ଷ୍ଟାଡିୟମର ରୂପ ରେଖ ଦେବା ନିମନ୍ତେ ଉଦ୍ୟମ କରା ନ ଯାଇ ସ୍ଥାନୀୟ ପୌରପ୍ରଶାସନ ପକ୍ଷରୁ ନୂତନ ଷ୍ଟାଡିୟମ୍ ଗଠନ ଦିଗରେ ଉଦ୍ୟମ କରାଯିବା ଘୋର ପରିତାପର ବିଷୟ ସାଜିଛି। ଏହିଭଳି ଏକ ଐତିହାସିକ କୀର୍ତ୍ତି ସମ୍ପର୍ଣ୍ଣ ଟାଉନ ପଡିଆକୁ ନବୀକରଣ କରାଯିବା ଦିଗରେ ଉଦ୍ୟମ କରାଗଲେ ଏକ ଷ୍ଟାଡିୟମ୍‌ର ମାନ୍ୟତା ପାଇବା ସହ ରାଜ୍ୟ ସ୍ତରୀୟ କ୍ରୀଡ଼ା ଉପଯୋଗୀ ହୋଇପାରନ୍ତା ବୋଲି ଆନନ୍ଦପୁର ଅଞ୍ଚଳର ବହୁ ରାଜ୍ୟ ସ୍ତରୀୟ ପୂର୍ବତନ ଫୁଟବଲ ଖେଳାଳୀ ମତ ଉପସ୍ଥାପନ କରିଛନ୍ତି।